# ପିଲାଙ୍କ ଧରିତ୍ରୀ

ଶନିବାର, ୨୮ ସେପ୍ଟେମ୍ବର, ୨୦୨୪




# ଶାନ୍ତିଦୂତ ଲାଲ୍‌ବାହାଦୁର

୧୯୦୪ ଅକ୍ଟୋବର ୨ ତାରିଖ ଦିନ ଉତ୍ତର ପ୍ରଦେଶର ମୁଗଲସରାଇରେ ପିତା ସାରଦା ପ୍ରସାଦ ଶ୍ରୀବାସ୍ତବ ଓ ମାତା ରାମଦୁଲାଲୀ ଦେବୀଙ୍କ କୋଳରେ ଶିଶୁପୁତ୍ରଟିଏ ଜନ୍ମ ହେଲା। ପିତା, ମାତା ପୁଅଟିର ନାଁ ରଖିଲେ ଲାଲ୍‌ବାହାଦୁର। ସେଇ ଗାଁରେ ସାରଦା ପ୍ରସାଦ ଶିକ୍ଷକତା କରୁଥିଲେ। ତାଙ୍କର ଦୁଇଟି ଝିଅ ଓ ଗୋଟିଏ ପୁଅ। ଲାଲ୍‌ବାହାଦୁରଙ୍କୁ ମାତ୍ର ଦେଢ଼ବର୍ଷ ବୟସ ବେଳେ ପିତାଙ୍କର ଅକାଳ ବିୟୋଗ ଘଟିଲା। ରାମଦୁଲାଲୀ ଦୁଃଖରେ ଭାଙ୍ଗି ପଡ଼ିଲେ। ପିଲାମାନଙ୍କୁ ଧରି ବାପଘରକୁ ଚାଲିଗଲେ। ପାଠପଢ଼ା ସମୟ ହେବାରୁ ଅଜା ପାଖ ବିଦ୍ୟାଳୟରେ ଲାଲ୍‌ବାହାଦୁରଙ୍କ ନାମ ଲେଖାଇଦେଲେ। ଥରେ କେତେକ ସାଙ୍ଗପିଲା କୋଳି ଖାଇବାକୁ ତାଙ୍କୁ ଡାକିନେଇ ବଗିଚାରେ ପଶିଲେ। କିନ୍ତୁ ଗଛରେ ଚଢ଼ି ନ ପାରି ଛୋଟ ପିଲାଟି ଗଛରୁ ଫୁଲ ତୋଳିଲା। ଏହି ସମୟରେ ଜଗୁଆଳୀ ଧାଇଁ ଆସିଲା। ବଡ଼ ପିଲାମାନେ ବାଡ଼ ଡେଇଁ ଚାଲିଗଲେ। ହେଲେ ଛୋଟ ପିଲାଟି ଠିଆ ହୋଇଥାଏ। ଜଗୁଆଳୀ ନାଲି ଆଖି ଦେଖାଇ ଧମକ ଦେଇ ପଚାରିଲା ତୁ କାହା ପୁଅ ? ଚାଲ୍ ତୋ ବାପା ପାଖକୁ। ପିଲାଟି କାନ୍ଦି କାନ୍ଦି କହିଲା ମୋ ବାପା ମରିଯାଇଛନ୍ତି। ଏହା ଶୁଣି ଜଗୁଆଳୀର ରାଗ ଶାନ୍ତ ହୋଇଗଲା। ସେ ପିଲାଟିକୁ କହିଲା, ତୋର ବାପା ନାହାନ୍ତି। ତୁ ଭଲ ବୁଦ୍ଧି ଶିଖ୍, ଭଲ ମଣିଷ ହେବୁ। ଏ ଦୁଷ୍ଟ ପିଲାଙ୍କ ସାଥିରେ ମିଶୁଛୁ କାହିଁକି? ଜଗୁଆଳୀ କଥା ପିଲାଟି ମନରେ ଖୁବ୍ ପ୍ରଭାବ ପକାଇଥିଲା। ବହୁ କଷ୍ଟରେ ଲାଲ୍‌ବାହାଦୁର ବଡ଼ହୋଇ ଶେଷରେ ଭାରତ ବର୍ଷ ପରି ବୃହତ୍ତର ଗଣତନ୍ତ୍ର ଦେଶର ପ୍ରଧାନମନ୍ତ୍ରୀ ଆସନରେ ବସିଥିଲେ। ତାଙ୍କୁ ସର୍ବୋଚ୍ଚ

**ଗପ**



ପୁରସ୍କାର ଭାରତ ରତ୍ନ ପ୍ରଦାନ କରାଯାଇଛି।

ପିଲାବେଳୁ ସେ ଭାରି ସାହସୀ ଓ ସ୍ୱାଭିମାନୀ ଥିଲେ। ଯେତେ ଅଭାବରେ ପଡ଼ିଲେ ମଧ୍ୟ କାହା ପାଖରେ ହାତ ପତାଉ ନ ଥିଲେ। ଥରେ ମେଳା ଦେଖିବାକୁ ଗଙ୍ଗାନଦୀର ଆରପାରିକୁ ଯାଇଥିଲେ। ବୁଲି ବୁଲି ଫେରିବା ବେଳକୁ ସଞ୍ଜ ହୋଇଗଲାଣି। ସାଙ୍ଗମାନେ ତରବର ହୋଇ ଡଙ୍ଗାରେ ବସିଲେ। ଲାଲ୍ ବାହାଦୁରଙ୍କ ପାଖରେ ଡଙ୍ଗାଭଡ଼ା ଦେବାକୁ ପଇସା ନ ଥିଲା। ରାତି ହେବାରୁ ଗଙ୍ଗାନଦୀକୁ ପହଁରି ସେ ଆର ପାରିରେ ପହଞ୍ଚିଗଲେ। ସେ ଥିଲେ ମହାତ୍ମା ଗାନ୍ଧୀଙ୍କର ପଟ୍ଟ ଶିଷ୍ୟ। ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ଅନେକ ଥର ସେ ଦେଶ ପାଇଁ ଜେଲ ଯାଇଥିଲେ।

୧୯୫୭ରେ ଆଲ୍ଲାହାବାଦରୁ ଲୋକସଭାକୁ ନିର୍ବାଚିତ ହୋଇ ନେହେରୁଙ୍କ ମନ୍ତ୍ରିମଣ୍ଡଳରେ ସେ ରେଳ ପରିବହନ ମନ୍ତ୍ରୀ ପଦ ପାଇଲେ। ନେହେରୁଙ୍କ ମୃତ୍ୟୁପରେ ୧୯୬୪ ଜୁନ୍ ୯ ତାରିଖରେ ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ। ଶାସ୍ତ୍ରିଜୀଙ୍କ ମତରେ ମୁଣ୍ଡଝାଳ ତୁଣ୍ଡରେ ମାରି ଯିଏ ପ୍ରତି ମଣିଷଙ୍କୁ ଆହାର ଗଣ୍ଡିଏ ଯୋଗାଇ ପାରୁଛନ୍ତି, ସେହି ଖଟିଖିଆ ଗରିବ କୃଷକ ମହାନ୍। ତେଣୁ ସେ ଦେଶବାସୀଙ୍କୁ 'ଜୟ ଯବାନ୍ ଜୟ କିଷାନ୍' ଧ୍ୱନି ଆହ୍ୱାନ ଦେଇଥିଲେ।

୧୯୬୬ରେ ହଠାତ୍ ପାକିସ୍ତାନ ଯୁଦ୍ଧ ଘୋଷଣା କରି ଆମ ଦେଶକୁ ଆକ୍ରମଣ କଲା। ଏହି ଯୁଦ୍ଧରେ ଭାରତ ବିଜୟ ଲାଭ କରିଥିଲେ ମଧ୍ୟ, ଏତେ ଧନ ଜୀବନ କ୍ଷତି ପାଇଁ ଲାଲ୍‌ବାହାଦୁର ଘୋର ଦୁଃଖିତ ହୋଇଥିଲେ। କାରଣ ସେ ଥିଲେ ଶାନ୍ତିର ପଥିକ। ଭାରତ ପାକିସ୍ଥାନ ଯୁଦ୍ଧର ଅବସାନ ଘଟାଇ ଉଭୟ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ତାସ୍‌କେଣ୍ଟ ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ୧୯୬୬ ଜାନୁୟାରୀ ୧୧ ତାରିଖ ରାତି ୧ଟା ସମୟରେ ଏହି ଶାନ୍ତିଦୂତ ସମସ୍ତଙ୍କଠାରୁ ବିଦାୟ ନେଇ ଆରପାରିକୁ ଚାଲିଗଲେ। ଲାଲ୍‌ବାହାଦୁର ଶାସ୍ତ୍ରୀ ଅଳ୍ପଦିନ ଦେଶର ପ୍ରଧାନମନ୍ତ୍ରୀ ହୋଇ ମଧ୍ୟ ସବୁବେଳେ ଦେଶପାଇଁ ଅନେକ ସ୍ୱପ୍ନ ଦେଖିଥିଲେ। ସେହି ଶାନ୍ତିଦୂତ ମହାପୁରୁଷଙ୍କ ଶୁଭ ଆଶିଷ ଏ ଦେଶର ପ୍ରତି କୋଣ ଅନୁକୋଣରେ ଝରିପଡୁ।

**– କବିତା ମିଶ୍ର**
ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ: ୯୯୩୭୦୩୩୭୫୦



# ଖିଲି ଖିଲି ହସ

ଅପରେଶନ୍ ପରେ ପେସେଣ୍ଟ କହିଲା– ଡାକ୍ତରବାବୁ, ମୁଁ ଏବେ ରୋଗମୁକ୍ତ ତ ?
ସାମ୍ନାରୁ ଉତ୍ତର ଆସିଲା– ପୁଅ, ଡାକ୍ତରବାବୁ ତ ମର୍ତ୍ତ୍ୟରେ ରହିଗଲେ, ମୁଁ ତ ଚିତ୍ରଗୁପ୍ତ।

ଡାକ୍ତର ମହିଳାଙ୍କୁ : ଆପଣଙ୍କ ମୁହଁର କିଛି ଭାଗ ଏକ୍ସ–ରେ କରିବାକୁ ପଡ଼ିବ।
ମହିଳା: ଏକ୍ସ–ରେ କ'ଣ ସାର୍ ?
ଡାକ୍ତର: ଫଟୋ ଉଠିଲା ଭଳି ପ୍ରକ୍ରିୟା ହୋଇଥାଏ।
ମହିଳା: ଦୁଇ ମିନିଟ୍ ରୁହନ୍ତୁ, ମୁଁ ଟିକେ ମେକ୍‌ଅପ୍ ଠିକ୍ କରିଦିଏ।

ରାଜୁ: ବସ୍‌ଷ୍ଟପ୍‌ରେ ଜଣେ ବ୍ୟକ୍ତିଙ୍କ ୫୦୦ଟଙ୍କାର ନୋଟ୍ ହଜିଗଲା। ଏହି କାରଣରୁ ଅଫିସ୍ ପହଞ୍ଚିବା ଟିକେ ଡେରି ହୋଇଗଲା।
ମ୍ୟାନେଜର: ଆଚ୍ଛା, ତେବେ ତୁମେ କ'ଣ ତା'ର ୫୦୦ନୋଟ୍ ଖୋଜିବାରେ ସାହାଯ୍ୟ କରୁଥିଲ ?
ରାଜୁ: ନା, ସାର୍, ମୁଁ ସେ ନୋଟ୍ ଉପରେ ଠିଆ ହୋଇଥିଲି।

# ମତାମତ

▶▶ ଆଇନା ସ୍ତମ୍ଭରେ ପ୍ରକାଶିତ ଶ୍ରେୟାଂଶୀ ଏବଂ ଅନ୍ୱିତାଙ୍କ ଫଟୋ ସୁନ୍ଦର ହୋଇଥିଲା।

**–ମୋନାଲିସା ରାଉତ, କେନ୍ଦ୍ରାପଡ଼ା**

▶▶ ଗପରେ 'ବୃଥା ପରାମର୍ଶ ' ପିଲାଙ୍କ ଲାଗି ଶିକ୍ଷଣୀୟ ହୋଇଛି।

**–ତାପସ ସାହୁ, ନୟାଗଡ଼**

▶▶ ପ୍ରତିଭା ସ୍ତମ୍ଭରେ କୁନି ନୃତ୍ୟଶିଳ୍ପୀ ରାଜଭିକା ସମ୍ପର୍କରେ ଜାଣିବାକୁ ମିଳିଲା।


**–ମହେଶ୍ୱର ସ୍ୱାଇଁ, ରାଉରକେଲା**

▶▶ ତୁମ ତୂଳୀରେ ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡ଼ିକ ବେଶ୍ ସୁନ୍ଦର ହେଉଛି।


**–ମାନିନୀ ମହାନ୍ତି , ବିଶାଖାପାଟଣା**

# ସାପ ଶିଡି ଖେଳ

ଲୁଡୋପଟାରେ ସାପ ଶିଡି ଖେଳର ଲୋକପ୍ରିୟତା ସମ୍ପର୍କରେ ସମସ୍ତେ ଜାଣନ୍ତି। ହେଲେ ଅନେକେ ହୁଏତ ଜାଣି ନ ଥିବେ ଏହି ଖେଳଟିର ଉତ୍ପତ୍ତି ସ୍ଥାନ ହେଉଛି ଆମ ଦେଶ ଭାରତ। ବହୁ ପୁରାତନ ସମୟରୁ ଏହି ଖେଳ ଆମ ଦେଶରେ ହିଁ ପ୍ରଥମେ ଆରମ୍ଭ ହୋଇଥିଲା। ଅବଶ୍ୟ ଏହି ଖେଳକୁ ପ୍ରଥମେ କିଏ ବାହାର କରିଥିଲେ ତାହାର ସେଭଳି ନିର୍ଦ୍ଦିଷ୍ଟ ପ୍ରମାଣ ନାହିଁ। କିନ୍ତୁ ଐତିହାସିକମାନଙ୍କ ମତରେ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀ ବେଳକୁ ଭାରତରେ ଏହି ଖେଳ 'ମୋକ୍ଷପଟ' ଅଥବା 'ମୋକ୍ଷ ପଟାମୁ' ନାମରେ ଲୋକପ୍ରିୟ ଥିଲା। ଭାରତର ବିଶିଷ୍ଟ ସନ୍ଥ ଓ ଋଷିମୁନିମାନେ ଏହାର ସୃଷ୍ଟି କରିଥିଲେ ବୋଲି ବିଶ୍ୱାସ କରାଯାଏ। ଏହି ଖେଳ ସୃଷ୍ଟି କରିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପିଲାମାନଙ୍କୁ ନୈତିକତା, କର୍ମ ଓ ଭାଗ୍ୟ ସମ୍ପର୍କରେ ଶିକ୍ଷା ଦେବା। ତେଣୁ ଏଥିରେ ଶିଡିର ପ୍ରତିକାତ୍ମକ ଅର୍ଥ ହେଉଛି ଭଲ କର୍ମ ଓ ଖରାପ କର୍ମର ପ୍ରତୀକ ହେଉଛି ସାପ। ତେବେ କେତେକ ଐତିହାସିକଙ୍କ ମତରେ ଖ୍ରୀଷ୍ଟପୂର୍ବ ତ୍ରୟୋଦଶ ଶତାବ୍ଦୀରେ ଏହାକୁ ସ୍ୱାମୀ ଜ୍ଞାନଦେବ ଆବିଷ୍କାର କରିଥିଲେ। ଏହାପରେ ୧୯୪୩ ମସିହାରେ ଏହାର ଇଂରାଜୀ ଭର୍ସନ ପ୍ରକାଶ ପାଇଥିଲା, ଯାହାର ନାମ ରଖାଯାଇଥିଲା ଚୁଟ୍‌ସ ଆଣ୍ଡ ଲାଡର୍ସ। ଏବେ ଏହା 'ସ୍ନେକ୍ ଆଣ୍ଡ ଲାଡର୍ସ'ର ରୂପ ନେଇପାରିଛି।




## ରଙ୍ଗ ଦିଅ



ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୂରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



ବେଳେବେଳେ ପିଲାମାନେ ଅମାନିଆ ହୋଇଥାଆନ୍ତି। କେବଳ ଘରେ ନୁହେଁ, ବାହାରେ ମଧ୍ୟ ସେମାନଙ୍କର ଏଭଳି ଅଭ୍ୟାସ ଦେଖିବାକୁ ମିଳିଥାଏ। ଏହି ସମୟରେ ପିଲାଟିର ମାତାପିତା ତାକୁ ଆକଟ କରିବା ସ୍ୱାଭାବିକ। ହେଲେ ସେତେବେଳେ ନିମ୍ନୋକ୍ତ କେତୋଟି କଥା ପ୍ରତି ନଜର ଦେବା ଆବଶ୍ୟକ..

# ପିଲାଙ୍କୁ ଆକଟ...

ସାଧାରଣତଃ ପିଲାମାନଙ୍କର ସ୍ୱଭାବ ଚପଳମତି। ଏହି ବୟସରେ ସେମାନେ ପାଠ ପଢା ସହ ଖେଳକୁଦରେ ସମୟ କଟାଇଥାଆନ୍ତି। ହେଲେ ଧୀରେ ଧୀରେ ସେମାନଙ୍କୁ ନିଜର ଆଚାର ବ୍ୟବହାର ପ୍ରତି ଧ୍ୟାନଦେବାକୁ ପଡ଼ିଥାଏ। କାହା ସହ କିପରି କଥାବାର୍ତ୍ତା କରିବେ, ଅନ୍ୟମାନଙ୍କୁ କିପରି ବ୍ୟବହାର କରିବେ, ସେ ନେଇ ନଜର ଦେବାକୁ ପଡ଼େ। କେତେଜଣ ପିଲା ଜିଦ୍ ସ୍ୱଭାବର ହୋଇଥାଆନ୍ତି। ସେମାନେ କହିଥିବା କଥାରେ ଅଟଳ ରହନ୍ତି। ଯେତେ ବୁଝାଇଲେ ମଧ୍ୟ ସେଥିରୁ ସୁଫଳ ମିଳି ନ ଥାଏ। ସେମାନଙ୍କୁ ଯେତେ ଆକଟକଲେ ମଧ୍ୟ ପିଲାମାନେ ନିଜ କଥାରୁ ସହଜରେ ଓହରି ନ ଥା'ନ୍ତି। ତେଣୁ ବେଳେବେଳେ ସେମାନଙ୍କୁ ଆକଟ କରିବା ସହ ମାଡ଼ ଦେବାକୁ ପଡ଼ିଥାଏ। ହେଲେ ଏଭଳି କେତୋଟି ସରଳ ଉପାୟ ରହିଛି, ଯଦ୍ୱାରା ପିଲାମାନେ ଏଭଳି ସ୍ୱଭାବରେ ପରିବର୍ତ୍ତନ ଆଣିପାରିବେ।

## ମାନସିକତା

ପିଲାମାନେ ଜିଦ୍‌ଖୋର ହୋଇଥିଲେ ପ୍ରଥମେ ସେମାନଙ୍କର ମାନସିକତା କିପରି ଅଛି ଅନୁଧ୍ୟାନ କରିବା ଦରକାର। ଏଭଳି ଜିଦ୍ ଧରିବା ପଛରେ କି କାରଣ ରହିଛି, ତାହାକୁ ଜାଣିପାରିଲେ ଏପରି ସମସ୍ୟାର ସହଜରେ ସମାଧାନ କରିହେବ। ତେଣୁ ପିଲାଟିର ମାନସିକତାକୁ ଭଲ ଭାବରେ ମା'ବାପା ତର୍ଜମା କରିବା ନିହାତି ଦରକାର। ଏଭଳି ନ କରି ପିଲାଟିକୁ ସବୁବେଳେ ଆକଟ କଲେ ହୁଏତ ତାହାର ଜିଦ୍ ଭବିଷ୍ୟତରେ ବଢ଼ିଯାଇପାରେ।

## ପ୍ରଥମେ ବୁଝାନ୍ତୁ

ପିଲାମାନେ ଯଦି ଅମାନିଆ ହେଉଛନ୍ତି କିମ୍ବା କିଛି ଜିନିଷ ପାଇଁ ଜିଦ୍ କରୁଛନ୍ତି, ତେବେ ସେମାନଙ୍କୁ ହଠାତ୍ ଦୃଢ଼ ଭାବରେ ଆକଟ କରନ୍ତୁ ନାହିଁ। ପ୍ରଥମେ ତାଙ୍କୁ ଥଣ୍ଡା ମିଜାଜ୍‌ରେ ବୁଝାଇବାକୁ ଚେଷ୍ଟା କରନ୍ତୁ। ଏଭଳି କଥା ପାଇଁ ଜିଦ୍ ଧରିବା କେତେ ଯୁକ୍ତିଯୁକ୍ତ ତାହା ତାକୁ ଭଲ ଭାବରେ ବୁଝାନ୍ତୁ। ଅନ୍ୟ କୌଣସି କଥାର ଆଳ ଦେଖାଇ ତାହାର ମନକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରନ୍ତୁ। ନ ହେଲେ ପରବର୍ତ୍ତୀ ସମୟରେ ପିଲାଟି ପ୍ରାୟ ସବୁ କଥା ପୂରଣ କରିବାକୁ ଜିଦ୍ ଧରିବସିବ।

## ସ୍ଥାନ-କାଳ-ପାତ୍ର ଦେଖନ୍ତୁ

ପିଲାଟିକୁ ଯଦି ଆକଟ କରିବାର ଅଛି, ତେବେ ନିଜ ଘରେ ଏଭଳି କରିପାରନ୍ତି। କାରଣ ବାହାରେ ପିଲାଟିକୁ ସବୁବେଳେ ଆକଟ କଲେ ତାହା ମା'ବାପାଙ୍କ ସମ୍ମାନରେ ଆଞ୍ଚ ଆସିବାର ଆଶଙ୍କା ରହିଛି। କାରଣ ସେହି ସମୟରେ ପିଲାଟି ହୁଏତ ଆକଟ କରୁଥିବା ମା'ବାପାଙ୍କ ମୁହଁରେ ଜବାବ ଦେଇପାରେ। ଏହାଦ୍ୱାରା ପିଲାଟିର ଶୃଙ୍ଖଳାବୋଧ ଠିକ୍ ନାହିଁ ବୋଲି ଅନ୍ୟମାନେ ଭାବିପାରନ୍ତି। ତେଣୁ ବାହାରେ ପିଲାଟିକୁ ଏଭଳି ଆକଟ କରନ୍ତୁ, ଯେମିତି ଆପଣଙ୍କ ଆକଟ ଶୈଳୀ ଉପରେ ଅନ୍ୟମାନେ ପ୍ରଶ୍ନ ଉଠାଇବେ ନାହିଁ।

## ଅନ୍ୟମାନେ ଉପଦେଶ ଦେଉଥିଲେ...

ବେଳେବେଳେ ପିଲାଟିର ଜିଦ୍ କିମ୍ବା ରୁକ୍ଷ ବ୍ୟବହାର ଯୋଗୁ ବାହାର ଲୋକମାନେ ତାକୁ ଖରାପ ଦୃଷ୍ଟିରେ ଦେଖିପାରନ୍ତି। ହୁଏତ ସେମାନେ ଆପଣଙ୍କ ପିଲାକୁ ଶାସନ କରି ନ ପାରନ୍ତି, ହେଲେ ଏ ନେଇ କିଛି ମତାମତ ଦେଇପାରନ୍ତି। ଯଦି କେହି ପିଲାଟିକୁ କିପରି ଅନୁଶାସିତ କରାଯିବ ସେ ବିଷୟରେ କିଛି ଉପଦେଶ ଦିଅନ୍ତି, ତେବେ ତାହାକୁ ଏଡ଼ାଇଦେବା ଠିକ୍ ନୁହେଁ। ହୁଏତ ସେମାନଙ୍କ କଥାର ଗୁରୁତ୍ୱ ରହିପାରେ। କେବଳ ମା'ବାପା ନୁହନ୍ତି, ଏଥିରୁ ପିଲାଟିର ମଧ୍ୟ କିଛି ଶିଖିବାର ଅଛି। ବାହାରେ କାହାକୁ କିପରି ବ୍ୟବହାର କରିବ, କାହା ସହ କିପରି କଥା ହେଲେ ସେମାନେ ପ୍ରଶଂସା କରିବେ-ଏ ବିଷୟରେ ପିଲାମାନେ ଭଲ ଭାବରେ ଅବଗତ ହେବା ଦରକାର। ବାହାରେ ଯଦି ସେମାନେ ନିଜ ଜିଦ୍‌ରୁ ନିବୃତ୍ତ ରହନ୍ତି, ତେବେ ଅନ୍ୟମାନେ ତାଙ୍କର ଶାଳୀନତାକୁ ପ୍ରଶଂସା କରିପାରନ୍ତି।

## କଥା ମାନନ୍ତୁ

ଅନେକ ସମୟରେ ପିଲାମାନେ ମା'ବାପାଙ୍କ କଥାକୁ ଏଡ଼ାଇଦିଅନ୍ତି। ହେଲେ ସେମାନେ ଜାଣିବା ଦରକାର ଯେ, ଜନ୍ମଦାତ୍ରୀ ମା' ଏବଂ ବାପା କଦାପି ସେମାନଙ୍କର ଅନିଷ୍ଟ ଚିନ୍ତାକରି ନ ଥା'ନ୍ତି। ତେଣୁ ପିଲା ଗୁରୁଜନଙ୍କ କଥାକୁ ମାନିବା ଦରକାର। କେବଳ କଥା ମାନିବା ନୁହେଁ, କଥାର ମହତ୍ତ୍ୱକୁ ଉପଲବ୍ଧି କରିବା ଜରୁରୀ। କାରଣ ସେହି କଥା ପିଲାମାନଙ୍କୁ ଠିକ୍ ରାସ୍ତାରେ ବାଟ କଢ଼େଇ ନେଇଯାଇଥାଏ। ପିଲାମାନେ ନିଜ କଥାବାର୍ତ୍ତା ଶୈଳୀ ଏବଂ ବ୍ୟବହାର ପ୍ରତି ଦୃଷ୍ଟିଦେବା ଆବଶ୍ୟକ। କାରଣ ଏହା ସେମାନଙ୍କର ଭବିଷ୍ୟତକୁ ସରସ ସୁନ୍ଦର କରି ଗଢ଼ି ତୋଳିଥାଏ। ତେଣୁ ପିଲାମାନେ ନିଜର ଖରାପ ଗୁଣ ପ୍ରତି ସତର୍କ ରହିବା ଦରକାର। ଠିକ୍ ସମୟରେ ନିଜକୁ ସୁଧାରି ନ ନେଲେ ଭବିଷ୍ୟତରେ ଏହା ଏକ ବଡ଼ ସମସ୍ୟା ହୋଇ ସାମ୍ନାରେ ଠିଆ ହୋଇଥାଏ।

## ଏମାନେ କ'ଣ କରନ୍ତି

### ସବୁବେଳେ ଅଳି କରେନା



ସବୁବେଳେ ମା'ବାପାଙ୍କ ପାଖରେ ଅଳିକରେନା। କାରଣ ମୋର ଯାହା ଦରକାର, ମାର୍ଜିତ ଭାବରେ ମା' ନ ହେଲେ ବାବାଙ୍କୁ କହିଥାଏ। କାରଣ ମୋର ବ୍ୟବହାର ସେମାନଙ୍କୁ ଯେପରି ବ୍ୟଥିତ ନ କରେ, ସେଥିପ୍ରତି ସବୁବେଳେ ଦୃଷ୍ଟିଦିଏ। ଅବଶ୍ୟ ବେଳେବେଳେ ମା'ବାପା ମୋତେ ଆକଟ କରନ୍ତି। ସେହି ସମୟକୁ ମୁଁ ଭଲ ଭାବରେ ତର୍ଜମା କରି ନିଜ ଭୁଲ୍‌କୁ ସଂଶୋଧନ କରିବାକୁ ଚେଷ୍ଟା କରେ। ମୁଁ ବାହାରେ କଦାପି ଜିଦ୍ କରେନା। କାରଣ ଏହାଦ୍ୱାରା ଅନ୍ୟମାନେ ମୋତେ ଖରାପ ଭାବିବେ। ତେଣୁ ସବୁବେଳେ ନିଜର ଆଚାର ବ୍ୟବହାର ପ୍ରତି ସତର୍କ ରହିଥାଏ।

-**ଶିବାଙ୍ଗୀ ମହାପାତ୍ର**, କ୍ଲାସ-୭,
ମଦର୍ସ ପବ୍ଲିକ୍ ସ୍କୁଲ,ପୁରୀ

### ଆକଟ ପଛରେ ଥିବା କଥାକୁ ବୁଝିବାକୁ ଚେଷ୍ଟା କରେ



ଜୀବନରେ ଭୁଲ୍ ହେବା ସ୍ୱାଭାବିକ। ମୋର ମଧ୍ୟ ଅନେକ ସମୟରେ ଭୁଲ ହୋଇଛି। ସେଥିପାଇଁ ମୋ ମା'ବାପା ମୋ ଉପରେ ବିରକ୍ତ ହୋଇଛନ୍ତି। କିନ୍ତୁ ସବୁବେଳେ ସେମାନେ ମୋତେ ଆକଟ କରନ୍ତି ନାହିଁ। ଅନେକ ସମୟରେ ସେମାନେ ମୋତେ ଥଣ୍ଡା ମନରେ ବୁଝାନ୍ତି। ସେମାନେ ମୋତେ ଯାହା ଉପଦେଶ ଦିଅନ୍ତି, ତାହାକୁ ମୁଁ ଭଲ ଭାବରେ ତର୍ଜମା କରେ।

-**ସୂରଜ ଦେହୁରୀ**, କ୍ଲାସ-୮, ଗୋପବନ୍ଧୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଢେଙ୍କାନାଳ





ଓମ୍ ସାଇ ରବିନାରାୟଣ କର
କ୍ଲାସ୍- ୮, ଭେଙ୍କଟେଶ୍ୱର ସ୍କୁଲ, କୋଣାର୍କ, ପୁରୀ
୧



ସୁମିତ୍ରା ମଲ୍ଲିକ
କ୍ଲାସ୍- ୫, ଆରତୀ ଦେବୀ ମୂକବଧିର ବିଦ୍ୟାଳୟ, ମାର୍ଶାଘାଇ, କେନ୍ଦ୍ରାପଡ଼ା
୨



ତନଭି ଦାଶ
କ୍ଲାସ୍-୪, ମଦର୍ସ ପବ୍ଲିକ ସ୍କୁଲ, ପାହାଳ, ଭୁବନେଶ୍ୱର
୩



ଅନନ୍ଦା ମିଶ୍ର
କ୍ଲାସ୍-୪, ବ୍ଲେଶ୍ଡ ସାକ୍ରାମେଣ୍ଟ ହାଇସ୍କୁଲ, ପୁରୀ
୪



ଘନିଶ କୁମାର ବେହେରା
କ୍ଲାସ୍-୧ , ଛତ୍ରପୁର ପବ୍ଲିକ ସ୍କୁଲ, ଗଞ୍ଜାମ
୫



ଦେବରଞ୍ଜାନ ସାହୁ
କ୍ଲାସ୍-୪, ମଦର୍ସ ପବ୍ଲିକ ସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର
୬




ଆୟୁଷ ମିଶ୍ର
କ୍ଲାସ୍- ୯, ବିଜେଇଏମ୍ ସ୍କୁଲ, ବିଜେବି ନଗର, ଭୁବନେଶ୍ୱର
୭



ଜିସାନ୍ତ ପଟ୍ଟନାୟକ
କ୍ଲାସ୍- ୧, ବିଜେଇଏମ୍ ସ୍କୁଲ-୧, ଭୁବନେଶ୍ୱର
୮



୧



୨




୩




୪




୫



୬



୭



୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




# ଆଙ୍ଗୁଠିରେ ପୁସ୍-ଅପ୍

ହାତ ପାପୁଲିକୁ ତଳେ ଭରା ଦେଇ ସାଧାରଣତଃ ପୁସ୍-ଅପ୍ କରାଯାଏ। କିନ୍ତୁ ଆଙ୍ଗୁଠି ସାହାଯ୍ୟରେ ପୁସ୍-ଅପ୍ କରିବା ଯେକୌଣସି ବ୍ୟକ୍ତିଙ୍କ ପାଇଁ କଷ୍ଟକର। ହେଲେ ଏମିତି ଏକ କଷ୍ଟକର କାମକୁ ବେଶ୍ ସହଜରେ କରି ପାରୁଛନ୍ତି ପଞ୍ଜାବ ବାଟ୍‌ଲାର କୁୱର ଅମ୍ରିତବୀର ସିଂ। ପୁଣି ୨୧ ବର୍ଷୀୟ ଏହି ଯୁବକଜଣକ ଆଙ୍ଗୁଠିରେ ସର୍ବାଧିକ ଥର ପୁସ୍-ଅପ୍ କରି ରେକର୍ଡ କରିଛନ୍ତି। ଏଭଳି କରିବା ସମୟରେ ସେ ତାଙ୍କ ପିଠିରେ ୯ କେଜି ଓଜନର ଜିନିଷ ମଧ୍ୟ ରଖିଛନ୍ତି। ୧ ମିନିଟ୍‌ରେ ସେ ସର୍ବାଧିକ ୮୬ ଥର ପୁସ୍-ଅପ୍ କରିପାରିଛନ୍ତି। ଏତେ କମ୍ ସମୟରେ ଏତେ ଥର ପୁସ୍-ଅପ୍ କରି ସେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛନ୍ତି। ତେବେ ଏହା ପୂର୍ବରୁ ସେ ଏପରି ୮୩ ଥର ପୁସ୍-ଅପ୍ କରି ଗିନିଜ୍ ରେକର୍ଡରେ ସ୍ଥାନ ପାଇଥିଲେ। ଏବେ ନିଜ ରେକର୍ଡ ଭାଙ୍ଗିବାକୁ ସକ୍ଷମ ହୋଇଛନ୍ତି। ଏଭଳି ଏକ କ୍ଷେତ୍ରରେ ଗିନିଜ୍ ରେକର୍ଡ କରିବାରେ ସେ ହେଉଛନ୍ତି ପ୍ରଥମ ବ୍ୟକ୍ତି।



# କବିତା

## ଧବଳ ଋତୁ

ଧଳା ମେଘ ଖାଲି ଆକାଶେ ଭାସଇ
ଧଳା ବଗଦଳ ସାଥେ,
ଧବଳ ଜୋଛନା ଢେଉ ଚଉଦିଗେ
ଧୋବଲା ଚାନ୍ଦ ଆକାଶେ।
ଧଳା କଇଁ ଫୁଲ ଜଳାଶୟ ଭରା
ଧୋବ କାଶତଣ୍ଡୀ କୂଳେ,
ଧବଳ ଟଗର କେତକୀ ଫୁଲର
ଧୋବ ଜଳେ ଧୋବ ସ୍ଥଳେ।
ଧଳା ହଂସ ଦଳ ନିରିମଳ ଜଳେ
ଧୀରେ ଧୀରେ ସନ୍ତରନ୍ତି,
ଧଳା ତାରା ଫୁଲ ଆକାଶରେ ଫୁଟି
ଧବଳିମା ଆଙ୍କୁଛନ୍ତି।
ଧବଳ ଋତୁ ଏ ଶରତ ହେମନ୍ତ
ଯେଣେ ଦେଖ ତେଣେ ସତେ,
ଅଶେଷ ସୁଷମା ମଣ୍ଡିତ ହେଇ ତ
ସରଗ ସତେ ଏ ମର୍ତ୍ତ୍ୟ।

**–ଶିବ ପ୍ରସାଦ ରାଉତ**
ବଛୁଦା,ବାସୁଦେବପୁର, ଭଦ୍ରକ
ମୋ: ୮୧୪୪୨୨୮୧୧୫

## ଶରତ ଶୋଭା

ମରତେ ଶରତ ମେଲିଛି ଆଖି
ଜହ୍ନିଫୁଲ ଦେହେ ହଳଦୀ ମାଖି।
ବାଡ଼ି ବୁଦା ଦିଶେ କନକନିଆ
ଲାଉଡଙ୍କ ମାଡ଼ି ଛନଛନିଆ।
ଧୂଆଁର କୁଣ୍ଡଳୀ ଚାଳ ମଥାନେ
କଖାରୁ ପତରେ ଖେଳେ ମଗନେ।
ପାଣି ଛଳ ଛଳ ପାଟ ପୋଖରୀ
କାଶତଣ୍ଡୀ ଦିଶେ ଭାରି ସୁନ୍ଦରୀ।
ନିର୍ମଳ ଆକାଶେ ଧଳା ବଉଦ
ସତେ କି ଫୁଟିଛି କୁନ୍ଦ କାମଦ।
ତୋଳିଆଣି ତାକୁ ଭାଇ ଦିଅନ୍ତା
ଲମ୍ବା ବେଣୀ ଧାରେ ଧାରେ ଝୁଲାନ୍ତା।

**– ବିଜୟଲକ୍ଷ୍ମୀ ପାଣିଗ୍ରାହୀ**
ଜୟପୁର, କୋରାପୁଟ
ମୋ: ୮୨୪୯୪୫୦୦୫୦

## ମୁକତିର ଗଙ୍ଗା ଏ ଦେଶେ

ବାପୁ ହୋଇଥିଲେ ବ୍ୟଥିତ
ଦେଖି ପରାଧୀନ ଭାରତ ଚିତ୍ର
ବିଦେଶୀ ଶୃଙ୍ଖଳ ଛିନ୍ନ କରିବାକୁ
ନେଇଥିଲେ ସିଏ ବଜ୍ର ଶପଥ ।
ମୁକତିକୁ କରିଲେ ତପ
ସତ୍ୟ ଅହିଂସାକୁ କରିଲେ ଜପ
ଦେଶକୁ ସ୍ୱାଧୀନ କରିବା ପାଇଁ
ଇଏ ପାଲଟିଲା ଅମୋଘ ଅସ୍ତ୍ର ।
ସଦା ଆମେ କହିବା ସତ୍ୟ
ସେବାକୁ କରିବା ଜୀବନେ ବ୍ରତ
ସେବା ହିଁ କେବଳ ଜୀବନକୁ ପରା
କରିଥାଏ ସମ୍ପୂର୍ଣ୍ଣ ବିକଶିତ ।
ଆମ ପ୍ରିୟ ଏ ଆର୍ଯ୍ୟ ଭୂଇଁ
ମହାନ୍ ହୋଇଛି ତାଙ୍କରି ପାଇଁ
ଦେବା ତାଙ୍କୁ ଆମେ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି
ତାଙ୍କ ଆଦର୍ଶରେ ହୋଇ ଦୀକ୍ଷିତ ।

**– ରାଜକିଶୋର ସ୍ୱାଇଁ**
ନୂଆପଡ଼ା, ନୂଆବଜାର, କଟକ
ମୋ.: ୯୪୩୭୪୪୨୦୪୧

## ଥିଲେ ଜଣେ ଈଶ୍ୱର



ଆସହେ ଗାନ୍ଧିଜୀ ଭାରତ ଭୂଇଁରେ
ଆଉଥରେ ଜନ୍ମନିଅ
ସବୁରି ହୃଦୟେ ସ୍ନେହ ଶାନ୍ତି ମୈତ୍ରୀ
ପ୍ରେମ ପ୍ରୀତି ଭରିଦିଅ।
ସରଳିଆ ଲୋକ ଥିଲ ଏ ଦେଶରେ
ହାତେ ବାଡ଼ିଖଣ୍ଡେ ଧରି
ଅହିଂସା ମନ୍ତ୍ରକୁ କାନରେ ଫୁଙ୍କିଲ
ଦେଶ ସାରା ଘୂରିଘୂରି।
କାଟି ପିନ୍ଧିବାକୁ କୁଟି ଖାଇବାକୁ
ଜନତାଙ୍କୁ କହିଥିଲ
କଉଶଳ କରି ଆମରି ଦେଶରୁ
ଇଂରେଜଙ୍କୁ ତଡ଼ିଦେଲ।
ଜାତି ଧରମର ଭେଦ ନ ରଖିଲ
ଜନତା ଏକାଠି କରି
ସ୍ୱାଧୀନ କରିଲ ଦେଶକୁ ଆମର
ତୁମକୁ ହେଉଛୁ ଝୁରି।
ମହାତ୍ମା ନାମକୁ କରିଲ ବହନ
ଥିଲ ହେ ଜଣେ ଈଶ୍ୱର
ଆଜିବି ଖୋଜନ୍ତି ତୁମକୁ ହେ ବାପୁ
ଜନତା ସାରା ବିଶ୍ୱର।

**– ନଳିନୀ ଦାଶ**
ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ: ୯୨୩୮୯୯୬୬୪୯

# ଏଥରର

- ଜୀବିତପୁତ୍ରିକା ବା ଜିତୀୟା ପର୍ବ ମୁଖ୍ୟତଃ କେଉଁ ରାଜ୍ୟରେ ପାଳନ କରାଯାଏ ?
- ଦକ୍ଷିଣ ଆଫ୍ରିକାର ରିବୋନିଆ ବିଚାର ପ୍ରକ୍ରିୟାରେ କେଉଁ ବିଶ୍ୱ ପ୍ରସିଦ୍ଧ ନେତା ଅଭିଯୁକ୍ତ ଥିଲେ ?
- ୟୁରୋପର ଆଲବାନିୟା ସହର ତୁର୍କୀ ସାମ୍ରାଜ୍ୟ କବଳରୁ କେବେ ସ୍ୱାଧୀନ ହୋଇଥିଲା ?
- ପ୍ରିଣ୍ଟିଂ ମେଶିନ୍ କିଏ ଉଦ୍ଭାବନ କରିଥିଲେ ?
- ଭାରତକୁ ପ୍ରଥମେ କେଉଁ ୟୁରୋପୀୟ ଆସିଥିଲେ ?

## ଗତଥରର ଉତ୍ତର

- ପଶ୍ଚିମବଙ୍ଗ
- ଲକ୍ଷ୍ନୌ
- ଗୁଜରାଟ
- ତେଲଙ୍ଗାନା
- ଆନ୍ଧ୍ରପ୍ରଦେଶ


# କହିଲ ଦେଖି

ତାଙ୍କ ପୁଅ ଆମେ ନୁହଁ
ପିତା ଆମ ସିଏ
ଦେଶବାସୀ ପିତା କହୁ
ଭାରତୀୟ ଯିଏ
ଅକ୍ଟୋବର ଦୁଇରେ
ଜନ୍ମିଥିଲେ ସିଏ
ଜନ୍ମଦିନ ପାଳେ ଦେଶ
ସିଏ କୁହ କିଏ ?



**ଉତ୍ତର– ମହାତ୍ମା ଗାନ୍ଧୀ**

ଦୁଇ ଅକ୍ଷରରେ ପୁସ୍ତକଟିଏ
କୃଷ୍ଣ ଅର୍ଜୁନଙ୍କ ଉବାଚଥାଏ
ଗାନ୍ଧୀଙ୍କର ପ୍ରିୟ ବହିଟି ସିଏ
ପାଖେ ରଖି ତାକୁ ନିଇତି ପଢନ୍ତି
କହିଲ ବହିର ନାଆଁଟି କିଏ ?




**ଉତ୍ତର – ଗୀତା**

ଗାନ୍ଧୀଙ୍କର ଥିଲା ଏମିତି ମନ୍ତ୍ର
କାମ କଲା ନାହିଁ ଇଂରେଜୀ ଅସ୍ତ୍ର
ଦେଖିକି ଇଂରେଜୀ ହେଲେ ସେ ବ୍ୟସ୍ତ
ସେ ମନ୍ତ୍ର ଆଗରେ ହାରିଯାଇ ସିଏ
ଦେଶ ଛାଡିଗଲେ ଶେଷେ ସମସ୍ତ
ଏହି ମନ୍ତ୍ରଟିକୁ ଗାଇ ଗାଇ ଦେଶ
ହୋଇଲା ଶେଷରେ ସ୍ୱାଧୀନ ଦେଶ
କହିଲ ଦେଖି ଏ ମନ୍ତ୍ରଟି କିସ ?



**ଉତ୍ତର– ଅହିଂସା ମନ୍ତ୍ର**

**– ଦୀନବନ୍ଧୁ ପୋଇ**
ଗୋରଡ଼ାପାଳ, ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨



# ସହରରେ ପ୍ରବେଶ ପାଇଁ ଏଣ୍ଟ୍ରି ଫି

**ସ**ହର ଭିତରକୁ ପ୍ରବେଶ ପାଇଁ କ'ଣ ଏଣ୍ଟ୍ରି ଫି ଦେବାକୁ ପଡ଼େ ? ଏଭଳି କଥା ଶୁଣିଲେ ଯେକେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ବିଶେଷଭାବରେ ବିଦେଶକୁ ଗଲେ ତା'ପୂର୍ବରୁ ଭିସା, ପାସ୍‌ପୋର୍ଟ ଆଦି ପ୍ରସ୍ତୁତ କରିବାକୁ ପଡ଼େ। କିନ୍ତୁ ଏଭଳି ଏକ ସହର ଅଛି, ତା' ଭିତରେ ବୁଲିବାକୁ ହେଲେ ଆପଣଙ୍କୁ ଦେୟ ଦେବାକୁ ପଡ଼ିବ। ନ ହେଲେ ଆପଣ ସେହି ସ୍ଥାନଗୁଡ଼ିକର ମଜା ନେଇପାରିବେ ନାହିଁ। ହଁ, ଏଭଳି ସହର ହେଉଛି ଇଟାଲୀର ରାଜଧାନୀ ରୋମ୍। ଏହା ଏକ ଐତିହ୍ୟପୂର୍ଣ୍ଣ ତଥା ସୌନ୍ଦର୍ଯ୍ୟମୟ ସହର ଭାବରେ ବିଶ୍ୱବିଖ୍ୟାତ। କିନ୍ତୁ ଏହା ଭିତରେ ଥିବା କୀର୍ତ୍ତିରାଜିଗୁଡ଼ିକୁ ଦେଖିବାକୁ ଚାହିଁଲେ ଆପଣ ସହରରେ ପ୍ରବେଶକରିବା ପୂର୍ବରୁ ଏଣ୍ଟ୍ରି ଫି ଦେବାକୁ ପଡ଼ିବ। ହେଲେ ଏହି ଟଙ୍କା ସରକାରଙ୍କ ପାଣ୍ଠିକୁ ଯାଇ ନ ଥାଏ। ଏହାକୁ ସେହି ଐତିହ୍ୟସ୍ଥଳର ଉନ୍ନତି ଏବଂ ରକ୍ଷଣାବେକ୍ଷଣ ପାଇଁ ଖର୍ଚ୍ଚ କରାଯାଏ।



# କେତେ ଉଚ୍ଚତାରେ ଉଡ଼େ ଉଡ଼ାଜାହାଜ

**ଗ**ମନାଗମନର ଅନ୍ୟତମ ମାଧ୍ୟମ ହେଉଛି ଉଡ଼ାଜାହାଜ। ଏଥିରେ ଦୂର ସ୍ଥାନକୁ ଟ୍ରେନ୍, ବସ୍ ତୁଳନାରେ କମ୍ ସମୟରେ ଯାତାୟାତ କରିହୋଇଥାଏ। ଅବଶ୍ୟ ଏଥିରେ ଯାତ୍ରାକଲେ ଟିକେଟ ଦାମ ଢେର ଅଧିକ। ତେବେ ଉଡ଼ାଜାହାଜ କେତେ ଉଚ୍ଚତାରେ ଉଡ଼ିଥାଏ ? ଏଭଳି ପ୍ରଶ୍ନ ଅନେକଙ୍କ ମନରେ ଉଙ୍କିମାରେ। ଏହା ବିମାନବନ୍ଦରରୁ ଉଡ଼ିବା ଆରମ୍ଭ କରିବା ପରେ ଧୀରେ ଧୀରେ ବେଶ୍ ଉଚ୍ଚକୁ ଚାଲିଯାଇଥାଏ। ତେବେ ବିମାନର ଗତି କେଉଁଠି କେତେ ରହିବ ଏବଂ କେଉଁ ବାଟରେ ଗଲେ ତାହା ସୁରୁଖୁରୁରେ ଯାଇପାରିବ, ତାହା ପୂର୍ବରୁ ନିର୍ଦ୍ଧାରିତ ହୋଇଥାଏ। ଯାତ୍ରୀବାହୀ ବା ପାସେଞ୍ଜର ଉଡ଼ାଜାହାଜ ପାଖାପାଖି ୩୦,୦୦୦-୩୫,୦୦୦ ଫୁଟ ଉଚ୍ଚତାରେ ଉଡ଼ିଥାଏ। ଅନ୍ୟପକ୍ଷରେ ବୋଇଂ ବିମାନ ଏବଂ ଏୟାରବସ୍‌ର ବିଭିନ୍ନ ମଡେଲ ୪୧,୦୦୦-୪୩,୦୦୦ ଫୁଟ ଉଚ୍ଚତାରେ ଉଡ଼େ। ଏହାବ୍ୟତୀତ ପ୍ରାଇଭେଟ୍ ଜେଟ୍ ସର୍ବାଧିକ ୫୧,୦୦୦ ଫୁଟ୍‌ରେ ଉଡ଼ିଥାଏ। ତେବେ ଏତେ ଉଚ୍ଚତାରେ ଉଡ଼ାଜାହାଜ ଉଡ଼ିବା ପଛରେ କିଛି କାରଣ ମଧ୍ୟ ରହିଛି। କାରଣ ଏଗୁଡ଼ିକ ଯେତେ ଉପରକୁ ଯିବ, ସେହି ସ୍ଥାନରେ ବାୟୁ ସ୍ତର ସେତିକି ପତଳା ରହିବ। ଫଳରେ ଉଡ଼ାଜାହାଜଗୁଡ଼ିକ ସହଜରେ ଉଡ଼ିପାରିବ ଏବଂ ଇନ୍ଧନ ମଧ୍ୟ କମ୍ ଖର୍ଚ୍ଚ ହେବ।

# ଭୟଙ୍କର ଶିକାରୀ ପକ୍ଷୀ



**ନୀ**ଳ ଆକାଶରେ ଦଳ ଦଳ ପକ୍ଷୀ ଉଡ଼ିଯାଉଥିଲେ ତାହା ଦେଖିବାକୁ ବେଶ୍ ସୁନ୍ଦର ଲାଗେ। ତା' ସହ ଅନେକଙ୍କର ରାବ ମଧୁର। କିନ୍ତୁ ଏଭଳି କେତେକ ପକ୍ଷୀ ଅଛନ୍ତି, ଯେଉଁମାନେ ଶିକାରରେ ଧୁରନ୍ଧର। ତୀକ୍ଷ୍ଣ ପଞ୍ଝାରେ ସେମାନେ ଶିକାରକୁ ଚତୁରତାର ସହ ଠାବକରି ଉଠାଇ ନିଅନ୍ତି। ହେଲେ ଏଭଳି ଏକ ଶିକାରୀ ପକ୍ଷୀ ଅଛି, ଯାହାକୁ ସବୁଠାରୁ ଭୟଙ୍କର ପକ୍ଷୀ ଭାବରେ ଗଣନା କରାଯାଇଥାଏ। ଏଭଳି ପକ୍ଷୀ ବିଶେଷଭାବରେ ଦକ୍ଷିଣ ଆଫ୍ରିକାରେ ଦେଖିବାକୁ ମିଳନ୍ତି। 'କାସୋବେରି' ନାମକ ଏହି ପକ୍ଷୀ ଦେଖିବାକୁ ସୁନ୍ଦର। କିନ୍ତୁ ସେମାନଙ୍କର ଶିକାର କରିବା ଶୈଳୀ ବେଶ୍ ଆକ୍ରମଣାତ୍ମକ। ଏମାନେ ନିଜର କଣ୍ଠ ଦ୍ୱାରା ଶିକାରକୁ ଆକର୍ଷିତ କରିଥାଆନ୍ତି। ଶିକାର ସେମାନଙ୍କ ପାଖକୁ ଆସିବାମାତ୍ରେ ସେମାନେ ବିଳମ୍ବ ନ କରି ନିଜ ପଞ୍ଝାରେ ତାହାକୁ କାବୁ କରିନିଅନ୍ତି। ଥରେ ଏଭଳି ପକ୍ଷୀ କବଳରେ ଶିକାର ପଡ଼ିଗଲେ ଆଉ ମୁକୁଳିବା ସମ୍ଭବ ହୋଇ ନ ଥାଏ। ଏପରି ଶିକାରୀ ପକ୍ଷୀ ଦକ୍ଷିଣ ଆଫ୍ରିକା ବ୍ୟତୀତ ଅଷ୍ଟ୍ରେଲିଆର ନ୍ୟୁଗିନିଠାରେ ମଧ୍ୟ ଦେଖିବାକୁ ମିଳନ୍ତି। ଏମାନଙ୍କର ଉଚ୍ଚତା ୫.୫ଫୁଟ୍‌ହୋଇଥିବା ବେଳେ ଓଜନ ପ୍ରାୟ ୮୦ କି.ଗ୍ରା.।



# ଯେଉଁଠି ନଦୀ ପାଣି ଛୁଇଁବାକୁ ଭୟ ଲାଗେ...

**ଆ**ମ ଦେଶରେ ନଦୀକୁ ଅନ୍ୟତମ ପବିତ୍ର ସ୍ଥାନ ଭାବରେ ଅଭିହିତ କରାଯାଇଥାଏ। ବେଳେବେଳେ ପୁଣ୍ୟ କାମ ପାଇଁ ନଦୀ ଜଳର ଆବଶ୍ୟକତା ପଡ଼ିଥାଏ। କେବଳ ସେତିକି ନୁହେଁ, ଅନେକ ନଦୀକୁ ପୂଜାର୍ଚ୍ଚନା ମଧ୍ୟ କରାଯାଏ। ସବୁଠାରୁ ପୁଣ୍ୟ ନଦୀ ଭାବରେ ଗଙ୍ଗାକୁ ଗ୍ରହଣ କରାଯାଇଛି। ହେଲେ ଭାରତରେ ଏଭଳି ଏକ ନଦୀ ରହିଛି, ଯାହାର ପାଣିକୁ ଛୁଇଁବାକୁ ଲୋକମାନେ ଭୟ କରନ୍ତି। ହେଲେ କାହିଁକି ଜାଣିଛ ? ବିଶ୍ୱାସ ଅଛି ଯେ, ଯଦି ଏହି ନଦୀର ପାଣିକୁ ଛୁଇଁବ ତେବେ ଛୁଇଁଥିବା ବ୍ୟକ୍ତି ନିହାତି ଅସୁବିଧାର ସମ୍ମୁଖୀନ ହେବେ କିମ୍ବା ସେ କରୁଥିବା କାମଟି ବିଗିଡ଼ିଯିବ। ତେଣୁ ବହୁ ପୂର୍ବରୁ ପ୍ରଚଳିତ ଏହି ବିଶ୍ୱାସ ଏବେ ବି ଅତୁଟ ରହିଛି। ଉକ୍ତ ନଦୀଟିର ନାମ 'କର୍ମନାଶ'। ଏହି ନଦୀ ଉତ୍ତରପ୍ରଦେଶରୁ ବାହାରି ବିହାର ପର୍ଯ୍ୟନ୍ତ ପ୍ରସାରିତ। ଏହାର ଅଧିକାଂଶ ଅଂଶ ଉତ୍ତରପ୍ରଦେଶରେ ରହିଛି। ଏଭଳିବିଶ୍ୱାସକୁ ନେଇ ସ୍ଥାନୀୟ ଲୋକମାନେ ଏହି ନଦୀର ପାଣିକୁ ଛୁଇଁ ନ ଥା'ନ୍ତି।

# ଆ ଇ ନା



ରୁହାନି ପଣ୍ଡା
୫ ବର୍ଷ, ନବରଙ୍ଗପୁର



ଦିତିଶ୍ରୀ ସ୍ୱାଇଁ
୪ ବର୍ଷ, ଭୁବନେଶ୍ୱର